# Akashvani, Sambalpur

## SAMBALPURI NEWS BULLETIN

### 8 November 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ଗୋସୁରକ୍ଷା ଆର୍ଏନ୍ୟୁ / ସମ୍ବଲପୁର

ଭାରତୀୟ ସଂସ୍କୃତି ଆଉ ପରମ୍ପରାକେ ଗୋସମ୍ପଦ୍‌ର ଅବଦାନ୍ ବହୁତ୍ ଗୁରୁତ୍ୱପୂର୍ଣ୍ଣ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ପୁରୀ ଠାନେ ଚାଲିଥିବା ରାଜ୍ୟସ୍ତରୀୟ ଗୋ ନବରାତ୍ର ମହୋତ୍ସବ୍ ନ ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଗୋସମ୍ପଦ ସାମାଜିକ ଆର୍ ଧର୍ମୀୟ ମହତ୍ୱ ସଙ୍ଗେ ଅର୍ଥନୈତିକ ପ୍ରାସଙ୍ଗିକତା ରହିଛେ । ଗ୍ରାମୀଣ ଅର୍ଥନୀତିର ବିକାଶ୍‌ଥି ଗୋସମ୍ପଦ୍‌ର ବହୁତ୍ ପ୍ରଭାବ୍ ଅଛେ । ରାଏଜେ ଗୋ ସୁରକ୍ଷା ଲାଗି ଦର୍କାର୍ ପଡ଼୍‌ଲେ ଆଇନ୍ ଅନ୍‌ସାରେ କଡ଼ା ପଦକ୍ଷେପ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ କହିଛନ୍ ଯେ, ରାଜ୍ୟର୍ ଗୋଚର ଜମିକେ ଜବର୍‌ଦଖଲ୍ ମୁକ୍ତ କରାଯିବା ।

କାର୍ଯ୍ୟକ୍ରମ୍‌ଥି ମତ୍ସ୍ୟ ଆଉ ପଶୁସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଯୋଗ୍ ଦେଇକରି ଗୋ ସମ୍ପଦ୍ ବଢ଼ାବାର୍ ଲାଗି ପଦକ୍ଷେପ୍

ନିଆଯାଉଛେ ବଲି କହିଛନ୍ । ସେ କହିଛନ୍ ଯେ, ରାଜ୍ୟର୍ ଗୋଶାଲା ମାନ୍କର୍ ଲାଗି ୨୩ କୋଟି ଟଙ୍କା ଦିଆଯିବା ।

ରାଜସ୍ୱ ମନ୍ତ୍ରୀ- ରାଜସ୍ୱ ଗ୍ରାମ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଆଏବା ମାସ୍ ଶେଷ୍ତକ୍ ନୂଆଁ ରାଜସ୍ୱ ଗ୍ରାମ ଘୋଷ୍ନା କାମ୍ ଶେଷ୍ କରାଯିବା । ଇଥିର୍ଲାଗି ଜିଲ୍ଲାସ୍ତରର୍ଥି ଦର୍କାରୀ ପଦକ୍ଷେପ୍ ନେବାର୍କେ ଜିଲ୍ଲାପାଲମାନ୍କୁ କୁହାଯାଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ରାଜସ୍ୱ ଆଉ ବିପର୍ଯ୍ୟୟ ବିଭାଗ୍ର କାମ୍ର ସମୀକ୍ଷା କରିକରି ଶ୍ରୀ ପୂଜାରୀ କହିଛନ୍ ଯେ, ରାଜସ୍ୱ ଆଇନ୍କେ ସହଜ୍, ସରଳ ଆର୍ ଲୋକାଭିମୁଖୀ କରାଯିବା । ଯେନ୍ଥିର୍ଲାଗି ଲୋକ୍ମାନ୍କର୍ ଭିନ୍ ଭିନ୍ ସମସ୍ୟାର୍ ଭିଲ୍ ସମାଧାନ୍ ହେଇପାର୍ବା । ସେନ୍ତା ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜ୍ନାଥି ସାମିଲ୍ ହେଇଥିବା ଘର୍ଡିହ ନାଇଁଥିବା ଲୋକ୍ମାନ୍କୁ ଘରଡିହ ଯୁଗେଇ ଦେବାର୍, ଭୂମିହୀନ ଲୁକ୍କୁ ଚିହ୍ନଟ୍ କର୍ବାର୍ ଆର୍ ସେମାନ୍କର୍ ଅବସ୍ଥା ସର୍ବେକ୍ଷଣ୍ କରିକରି ବସୁନ୍ଧରା ଯୋଜ୍ନାଥି ଜମି ଦେବାର୍ ସବୁ ବିଦ୍ୟାଲୟକେ ଜମି ପଟ୍ଟା ଦିଆଯିବାର୍ ବାବ୍ଦେ ଭିଲ୍

ସାଙ୍ଗେସାଙ୍ଗ୍ ପଦକ୍ଷେପ୍ ନେବାର୍ ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଖର୍ଚ୍ଚା ସମୀକ୍ଷା

ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଖର୍ଚ୍ଚା ବାବଦ୍ ଗୁଟେ ସମୀକ୍ଷା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ ଭିନ୍ ଭିନ୍ ବିଭାଗ୍‌କେ ଦିଆଯାଇଥିବା ଟଙ୍କା ଆଉ ଖର୍ଚ୍ଚା ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିଥିଲେ । ୨୦୨୧-୨୨ ନୁ ୨୦୨୪-୨୫ ଆର୍ଥିକ୍ ବଛରେ ଏବ୍‌ତକ୍ ଭିନ୍ ଭିନ୍ ବିଭାଗ୍‌କେ ୨ ହଜାର୍ ୪ ଶହ ୫୮ କୋଟି ୮ ଲାଖ୍ ଟଙ୍କା ଦିଆଯାଇଛେ । ଇତାର୍‌ଛଡ଼ା ୧୧ ଟା ବିଭାଗ୍ ଆର୍ ସଂସ୍ଥାକେ ବିପର୍ଯ୍ୟୟ ମୁକାବିଲା ଆଉ ପ୍ରସ୍ତୁତି ଲାଗି ଇ ଟଙ୍କା ଦିଆଯାଇଥିବାର୍ ବେଲେ ଭିନ୍ ଭିନ୍ ବିଭାଗ୍‌ର ଖର୍ଚ୍ଚା ସହେତେ ବିନିଯୋଗ୍ ପ୍ରମାଣ୍‌ପତ୍ର ଦାଖଲ୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା ।

ପୁଲିସ୍ ଡିଜି - ମାଲ୍‌କାନ୍‌ଗିରି        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟକେ ୨୦୨୬ ମସିହା ମାର୍ଚ୍ଚ ତକ୍ ମାଓମୁକ୍ତ କରାଯିବା ଆଉ ସ୍ୱାଭିମାନ୍ ଇଲାକା ନୁ ବିଏସ୍‌ଏଫ୍‌କେ ନାଇଁ ହଟାଯାଏ ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ କହିଛନ୍ । ମାଲ୍‌କାନ୍‌ଗିରି ଗସ୍ତଥି ଯାଇକରି ଗଲାକାଏଲ୍ ମାଓ ସମୀକ୍ଷା କର୍‌ବାର୍ ସହେତେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀ ଖୁରାନିଆ କହିଛନ୍ ଯେ, ସ୍ୱାଭିମାନ୍ ଅଂଚଲ୍‌ର ସମସ୍ୟାକେ ଜଲ୍‌ଦି ସମାଧାନ୍ କରାଯିବା । ମାଲ୍‌କାନ୍‌ଗିରି ଠାନେ ସେ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଇନ୍ ଶୃଙ୍ଖଲା ଆଉ ମାଓଦମନ୍ ଲାଗି ଚାଲିଥିବା ବିକାଶ୍‌ମୂଲକ୍ କାମ୍‌ର ସମୀକ୍ଷା କରିଥିଲେ ।

ଓଏସ୍‌ଏସ୍‌ସି -       ଆର୍‌ଏନ୍‌ୟୁ /ସମ୍ବଲପୁର

ଆର୍.ଆଇ ଆର୍ ଅମିନ୍ ପରୀକ୍ଷାଥି ଅନିୟମିତତା ଅଭିଯୋଗ୍ ବାବ୍‌ଦେ ଏତ୍‌କେ ପରୀକ୍ଷାର୍ଥୀମାନେ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ୍- ଓଏସ୍‌ଏସ୍‌ଏସ୍‌ସି ପୋର୍ଟାଲ୍ ଜରିଏ ଅଭିଯୋଗ୍ କରିପାର୍‌ବେ । ଇ ବାବ୍‌ଦେ ଗଲାକାଏଲ୍

ଓଏସ୍ଏସ୍ଏସ୍ସି ତର୍ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍ସାରେ ପ୍ରାର୍ଥୀମାନେ ଓଏସ୍ଏସ୍ଏସ୍ସି ୱେବ୍ସାଇଟ୍ଥି ଆଇ.ଡି ଆର୍ ପାସ୍ୱାର୍ଡ୍ ଦେଇକରି ପହେଲା ଲଗ୍ଇନ୍ କର୍ବେ । ଇତାର୍ ଉତ୍ରୁ ଲଜ୍ ଏ ଗ୍ରୀଭାନ୍ସକେ ଯାଇକରି ନିଜର୍ ଅଭିଯୋଗ୍କେ ୧୭ ତାରିଖ୍ତକ୍ ଦାଖଲ୍ କର୍ବେ ବଲି କୁହାଯାଇଛେ । ଅଭିଯୋଗ୍କାରୀ ଅଭିଯୋଗ୍ର ପ୍ରମାଣ୍ ଆଉ ଡକ୍ୟୁମେଂଟ୍କେ ଅପ୍ଲୋଡ୍ କର୍ବାର୍କେ ପରାମର୍ଶ ଦିଆଯାଇଛେ ।

ସ୍ୱତନ୍ତ୍ର ଟ୍ରେନ୍ ଏନ୍ଏସ୍ଡି

ଭାରତୀୟ ରେଲ୍ବାଇ ତର୍ଫୁ ଆଏଜ୍ଠାନୁ ଶହେ ୬୪ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କର୍ବା । ଛଟ୍ପୂଜା ଆର୍ ଅଲ୍ଗା ପରବ୍ ଲାଗି ଘର୍କେ ଯାଇଥିବା ଲୋକ୍ମାନେ ଇ ଟ୍ରେନଥି ସେମାନ୍କର୍ ଲକ୍ଷ୍ୟ ଜାଗାକେ ଫିର୍ବେ ବଲି ଜନାପଡ଼ିଛେ । ଆଏବା ୨ ଦିନ୍ ଭିତ୍ରେ ୪ ଶହ ୭୬ ଟା ଟ୍ରେନ୍ ଚଲାଚଲ୍ କର୍ବାର୍କେ ରେଲ୍ବାଇ ନିଷ୍ପତି ନେଇଛେ ।

ସୁରଭି ସୁବର୍ଣ୍ଣପୁର୍/ କଲାହାଣ୍ଡି ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍-ସୁରଭି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍ ନ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ପରିଚାଲନାଥି ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଅନ୍ୟା ଦାସ ଆଉ ଲେଖକ ରିଚାର୍ଡ ମହାପାତ୍ର ଅତିଥି ଭାବେ ଯୋଗ୍ ଦେଇକରି ଛୁଆମାନ୍‌କର୍ ଭିତ୍‌ରେ ଥିବା କଳା ଆଉ ସୃଜନର ପରିପ୍ରକାଶ୍ ଲାଗି ଇଟା ଗୁଟେ ସୁନ୍ଦର୍ ମଂଚ ବଲି କହିଥିଲେ । ଜିଲ୍ଲାର୍ ୬ ଟା ବ୍ଲକ୍ ନୁ ୬ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ ଇ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇଥିଲେ ।

ସେନ୍ତା କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍ ସୁରଭି ହେଇଯାଇଛେ । ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଉତ୍ସବ୍‌ଥି ୭ ଶହନୁ ଅଏତ୍‌କା ଛାତ୍ରଛାତ୍ରୀ ଯୋଗ୍ ଦେଇକରି ଭିନ୍ ଭିନ୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

ନୂଆପଡ଼ା-ଭୀମଭୋଇ ସାମର୍ଥ୍ୟ ଶିବିର         ନୂଆପଡ଼ା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ କାର୍ଯ୍ୟାଳୟ ନ ଭୀମଭୋଇ ସାମର୍ଥ୍ୟ ଶିବିର ହେଇଯାଇଛେ । ଶିବିର୍‌ଥି ବ୍ଲକ୍‌ର ୪ ଶହ ୭ ଝନ୍

ଦିବ୍ୟାଙ୍ଗଙ୍କୁ ପଞ୍ଜିକରଣ୍ କରାଯାଇକରି ଦର୍କାରୀ ସାହାଜ୍ ଦିଆଯାଇଛେ । ସେନ୍ତା ୪୮ ଝନ୍‌କୁ ଡିଆର୍‌ଆଇ ରଣ ସହାୟତା ଆଉ ୭୩ ଝନ୍‌କୁ ବସ୍ ପାସ୍ ଦିଆଯାଇଥିଲା ।